ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail: iprsec.or@nic.in

News ID-IPR/HT&HOD)/1197/02-02-2021

## ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ
## ଆଦିବାସୀ ମେଳା ଅବସରରେ ଭର୍ଚୁଆଲ୍ ମୋଡ୍‌ରେ ଆଦିବାସୀ ନୃତ୍ୟ

ଭୁବନେଶ୍ୱର, ତା.୦୨/୦୨/୨୦୨୧

ସ୍ଥାନୀୟ ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆଠାରେ ଜାନୁଆରୀ ୨୬ ତାରିଖଠାରୁ ଆଦିବାସୀ ମେଳା ଅନୁଷ୍ଠିତ ହେଉଛି । ଫେବୃଆରୀ ୨ ତାରିଖ ଦିନ ଦର୍ଶକମାନେ ଆଦିବାସୀ ମେଳାର ୱେବ୍‌ସାଇଟ୍ http//:www.adivasimela2021.com ରେ ସନ୍ଧ୍ୟା ୬ଟାରୁ ୭ଟା ପର୍ଯ୍ୟନ୍ତ ଗୁଜୁରାଟର ଡାଙ୍ଗୀ ଜନଜାତିଙ୍କର ହୋଲି ନୃତ୍ୟ, କନ୍ଧ ଜନଜାତିଙ୍କ ଢାପ ନୃତ୍ୟ, ମଣିପୁରର 'କୁକି' ଜନଜାତିଙ୍କର ଲୁଇଲେକୋନ୍ ନୃତ୍ୟ, ମଣିପୁରର କୁକି ଜନଜାତିଙ୍କର ଟାପାଚନ୍ ନୃତ୍ୟ, ନାଗାଲ୍ୟାଣ୍ଡର ସାଙ୍ଗଟୁମ୍ ଜନଜାତିଙ୍କର ୱାର୍ ଡ୍ୟାନ୍ସ, ମହାରାଷ୍ଟ୍ରର ଠାକର ଜନଜାତିଙ୍କର ଢୋଲ ନୃତ୍ୟ ଦେଖିପାରିବେ ।

**ଫେବୃଆରୀ ୩ ତାରିଖ** ଦିନ ଦର୍ଶକମାନେ ଭୋତଡା ଜନଜାତିଙ୍କର ଢେମ୍‌ସା ନୃତ୍ୟ, ମୁଣ୍ଡା ଜନଜାତିଙ୍କର ଇନ୍‌ଡ ନୃତ୍ୟ, ଓରାଓଁ ଜନଜାତିଙ୍କର କରମା ନୃତ୍ୟ ଦେଖିପାରିବେ ।

**ଫେବୃଆରୀ ୪ ତାରିଖ** ଦିନ ଡଙ୍ଗରିଆ କନ୍ଧ ଆଦିମ ଜନଜାତିଙ୍କ ଦ୍ୱାରା ବେଜୁନି ନୃତ୍ୟ, ଉତ୍ତରପ୍ରଦେଶର ଡାଙ୍ଗୀ ଜନଜାତିଙ୍କର ଡୁଙ୍ଗରଦେବ ନୃତ୍ୟ, ଗୁଜୁରାଟର ଡାଙ୍ଗୀ ଜନଜାତିଙ୍କର ହୋଲି ନୃତ୍ୟ, ଶବର ଜନଜାତିଙ୍କର ବିବାହ ନୃତ୍ୟ ପ୍ରଦର୍ଶନ କରାଯିବ ।

**ଫେବୃଆରୀ ୫ ତାରିଖ** ଦିନ ସାନ୍ତାଳ ଜନଜାତିଙ୍କର ଡାଙ୍ଗ୍ ନୃତ୍ୟ, କନ୍ଧ ଜନଜାତିଙ୍କର ଢାଙ୍ଗଡ଼ା ଓ ଢାଙ୍ଗଡ଼ୀ ନୃତ୍ୟ, ଭୂମିଆ ଜନଜାତିଙ୍କର ଢେମ୍‌ସା ନୃତ୍ୟ, କିଷାନ ଜନଜାତିଙ୍କର କରମା ନୃତ୍ୟ ଭିଡ଼ିଓ ଯୋଗେ ପ୍ରଦର୍ଶିତ ହେବ ।

**ଫେବୃଆରୀ ୬ ତାରିଖ** ଦିନ ଦୁରୁଆ ଜନଜାତିଙ୍କର ବିର୍‌ଲି ନୃତ୍ୟ ଓ ସାନ୍ତାଳ ଜନଜାତିଙ୍କର ଡାଙ୍ଗ ନୃତ୍ୟକୁ ଦର୍ଶକମାନେ ଉପଭୋଗ କରିପାରିବେ ।

**ଫେବୃଆରୀ ୭ ତାରିଖ** ଦିନ କୋହ୍ଲ ଜନଜାତିଙ୍କର ବା ପରବ ନୃତ୍ୟ, ବଣ୍ଡା ଜନଜାତିଙ୍କର ଚଇତି ଯାତ୍ରା ନୃତ୍ୟ, କନ୍ଧ ଜନଜାତିଙ୍କର ଢାପ ନୃତ୍ୟ, ମୁଣ୍ଡା ଜନଜାତିଙ୍କର ମାଗେ ପରବ ନୃତ୍ୟକୁ ଦର୍ଶକମାନେ ଦେଖିପାରିବେ ।

**ଫେବୃଆରୀ ୮ ତାରିଖ** ଦିନ କିଷାନ ଜନଜାତିଙ୍କ ଦ୍ୱାରା ଫାଗ ନୃତ୍ୟ, ମୁଣ୍ଡା ଜନଜାତିଙ୍କ ଇନ୍‌ଦ ନୃତ୍ୟ, ପରଜା ଜନଜାତିଙ୍କର କିନ୍‌ଡିରି ନୃତ୍ୟ ପ୍ରଦର୍ଶିତ ହେବ ।

**ଫେବୃଆରୀ ୯ ତାରିଖ** ଦିନ ସାନ୍ତାଳ ଜନଜାତିଙ୍କର ବୁଢ଼ି ଗଳି ନୃତ୍ୟ, ଭୂମିଜ ଜନଜାତିଙ୍କର କରମା ନୃତ୍ୟ, ମୁଣ୍ଡା ଜନଜାତିଙ୍କର କରମା ନୃତ୍ୟ ପ୍ରଦର୍ଶିତ ହେବ ବୋଲି ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ସୂତ୍ରରୁ ପ୍ରକାଶ ।

ଡକ୍ଟର ଜ୍ୟୋତିର୍ମୟି ସାମନ୍ତରାୟ
ସୂଚନା ଅଧିକାରୀ